ସୁଶୀଲ ଚୌଧୁରୀ ଏବଂ ଅନ୍ୟମାନେ

ବନାମ

ବିହାର ରାଜ୍ୟ

ସେପ୍ଟେମ୍ବର 6, 1979

[ଭି.ଆର. କ୍ରିଷ୍ଣା ଆୟର ଏବଂ ପି.ଏନ. ସିଂହଲ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦଣ୍ଡାଦେଶ ପ୍ରକ୍ରିୟା - ବୟସ୍କ ବ୍ୟକ୍ତି ଏବଂ ଯୁବ ଅପରାଧୀଙ୍କ ପାଇଁ ଦଣ୍ଡାଦେଶ - ସିଆରଏଲ. ପି. ସି., 1973 ଧାରା 354 (3), 360 ଏବଂ 365 ।*

ବିଶେଷ ଅନୁମତି ଦ୍ୱାରା ଏହି ଆବେଦନକୁ ଖାରଜ କରି ନ୍ୟାୟାଳୟ

ନିର୍ଣ୍ଣୟ କଲେ : 1. ଅଭିଯୁକ୍ତ ମୁନ୍ନି ମାରାଣ୍ଡିଙ୍କ ବୟସ ଏବଂ କୌଣସି ସ୍ୱଷ୍ଟ କାର୍ଯ୍ୟର ଅନୁପସ୍ଥିତିକୁ ଦୃଷ୍ଟିରେ ରଖି, ତାଙ୍କ ମାମଲାର ପରିସ୍ଥିତିରେ ଦୁଇ ବର୍ଷ ସଶ୍ରମ କାରାଦଣ୍ଡାଦେଶ, I.P.C. ର ଧାରା 326 ସହିତ ପଠିତ ଧାରା 149 ଅନୁଯାୟୀ ଅପରାଧ ପାଇଁ ନ୍ୟାୟର ଉଦ୍ଦେଶ୍ୟ ପୂରଣ କରିବ ।

2. ଆଇନର ଅନୁପସ୍ଥିତି ନ୍ୟାୟିକ ଆଇନ ଦ୍ୱାରା ପୂରଣ କରାଯାଇପାରିବ ନାହିଁ, ଅପରାଧ ସମୟରେ ବାବୁଆ ମାରାଣ୍ଡିଙ୍କ ବୟସ 15 ବର୍ଷ ଥିଲା ଏବଂ ବିହାରରେ କୌଣସି ଶିଶୁ ଆଇନ ନାହିଁ । ଯଦିଓ ଦୋଷୀ ସାବ୍ୟସ୍ତ କିମ୍ବା ଦଣ୍ଡାଦେଶରେ ହସ୍ତକ୍ଷେପ କରାଯାଇପାରିବ ନାହିଁ, ମାମଲାର ଦୁର୍ଭାଗ୍ୟପୂର୍ଣ୍ଣ ପରିସ୍ଥିତିରେ ଏବଂ ଆଇନଗତ ଶୂନ୍ୟତାର ଅସହାୟ ପରିସ୍ଥିତିରେ ଏହି ନ୍ୟାୟାଳୟ କେବଳ ନିର୍ଦ୍ଦେଶ ଦେଇପାରିବେ ଯେ ବାବୁଆ ମାରାଣ୍ଡିଙ୍କୁ ଏକ ମୁକ୍ତ କାରାଗାରରେ କିମ୍ବା ଏକ ଆଦର୍ଶ କାରାଗାରରେ କିମ୍ବା ରାଜ୍ୟରେ ଉପଲବ୍ଧ ଅନ୍ୟ କୌଣସି କାରାଗାରରେ ରଖାଯିବ ଯେଉଁଠାରେ ଯୁବ ଅପରାଧୀମାନଙ୍କୁ ବୟସ୍କ ଅପରାଧୀଙ୍କଠାରୁ ଅଲଗା ରଖାଯାଇଛି । ଏପରି କରିବା ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶ ହେଉଛି ଯେ ସ୍ୱଷ୍ଟ କାରଣ ପାଇଁ କିଶୋରମାନଙ୍କୁ କାରାଗାର ପରିସରରେ ବୟସ୍କମାନଙ୍କଠାରୁ ଅଲଗା କରାଯିବା ଉଚିତ୍ ।

ଫୌଜଦାରୀ ଆବେଦନ ଅଧିକାରିତା : ଫୌଜଦାରୀ ଆବେଦନ ସଂଖ୍ୟା 483/1979 ।

ଫୌଜଦାରୀ ଆବେଦନ ସଂଖ୍ୟା 356 ଏବଂ 407/73ରେ ପାଟନା ଉଚ୍ଚ ନ୍ୟାୟାଳୟର 22-3-1979 ତାରିଖର ରାୟ ଏବଂ ଆଦେଶରୁ ବିଶେଷ ଅନୁମତି ଦ୍ୱାରା ଆବେଦନ ।

ଆବେଦନକାରୀମାନଙ୍କ ପାଇଁ *ବି.ପି. ସିଂହ* ଏବଂ *ଏଲ.ଆର. ସିଂହ* ।

ଉତ୍ତରଦାତାଙ୍କ ପାଇଁ *ଏସ୍. ଏନ୍. ଝା* ଏବଂ *ୟୁ.ପି. ସିଂହ* ।

ନ୍ୟାୟାଳୟର ଆଦେଶ ପ୍ରଦାନ କରାଯାଇଥିଲା

ନ୍ୟାୟମୂର୍ତ୍ତି କ୍ରିଷ୍ଣା ଆୟରଙ୍କ ଦ୍ୱାରା । ଆମେ ଏଠାରେ ଆବେଦନକାରୀ ଥିବା ମୁନ୍ନୀ ମାରାଣ୍ଡି ଏବଂ ବାବୁଆ ମାରାଣ୍ଡିଙ୍କ ନିର୍ଦ୍ଦିଷ୍ଟ ସନ୍ଦର୍ଭ ସହିତ ଆବେଦନକାରୀଙ୍କ ଓକିଲଙ୍କ ଯୁକ୍ତି ଶୁଣିଛୁ । ରାଜ୍ୟ ସରକାରଙ୍କ ଓକିଲଙ୍କ ସହାୟତାରେ ଏହି ଅଭିଯୁକ୍ତମାନଙ୍କ ସହ ଜଡ଼ିତ ପ୍ରମାଣ ମଧ୍ୟ ଆମେ ପଢ଼ିଛୁ । ମୁନି ମାରାଣ୍ଡିଙ୍କ ଭୂମିକା ହେଉଛି ଯେ ସେ ସେହି ଭିଡ଼ର

ଜଣେ ସଦସ୍ୟ ଥିଲେ ଯିଏ ମୃତ ବ୍ୟକ୍ତିଙ୍କୁ ପିଛା କରିଥିଲେ ଏବଂ ସେହି ଦୃଷ୍ଟିରୁ ଆଇ.ପି.ସି. ର ଧାରା 149 ସହିତ 326 ଅନୁଯାୟୀ ଦାୟୀ ଥିଲେ । ଦୋଷୀ ସାବ୍ୟସ୍ତକରଣ ପାଇଁ ଆମେ ଉଚ୍ଚ ନ୍ୟାୟାଳୟଙ୍କୁ ଦୋଷ ଦେଇପାରିବୁ ନାହିଁ, କିନ୍ତୁ ଅଭିଯୁକ୍ତଙ୍କ ବୟସ ଏବଂ ତାଙ୍କ ତରଫରୁ କୌଣସି ଖୋଲାଖୋଲି କାର୍ଯ୍ୟର ଅନୁପସ୍ଥିତିକୁ ଦୃଷ୍ଟିରେ ରଖି, ଆମେ ବିଚାର କରୁ ଯେ ଏହି ମାମଲାର ପରିସ୍ଥିତିରେ, ଦୁଇ ବର୍ଷର ସଶ୍ରମ ଦଣ୍ଡାଦେଶ ନ୍ୟାୟର ଲକ୍ଷ୍ୟ ପୂରଣ କରିବ ।

ଏହି ଭିଡ଼ ମଧ୍ୟରେ 15 ବର୍ଷ ବୟସ୍କ ବାବୁଆ ମାରାଣ୍ଡି ମଧ୍ୟ ଥିଲେ । ମୃତକଙ୍କୁ ଉତ୍ତେଜିତ ଭାବରେ ପିଛା କରିବା ସମୟରେ, ଏହି ବାଳକଟି ମଧ୍ୟ ପଛେ ପଛେ ଯାଇଥିଲା ଏବଂ ଯେତେବେଳେ ରଞ୍ଜିତ ଚୌଧୁରୀ ପ୍ରକୃତ ଖଣ୍ଡା ଆକ୍ରମଣ କଲେ, ଏହି ବାଳକଟି ମୃତକଙ୍କୁ ଧରି ପକାଇଲା । ଏହି ଦୃଷ୍ଟିରୁ ତାଙ୍କ ଭୂମିକା ମୁନି ମାରାଣ୍ଡିଙ୍କ ଠାରୁ ଭିନ୍ନ । ତେଣୁ ଆମେ ତାଙ୍କ ଦୋଷୀ ସାବ୍ୟସ୍ତକରଣ କିମ୍ବା ଦଣ୍ଡାଦେଶରେ ହସ୍ତକ୍ଷେପ କରିବାକୁ ପ୍ରସ୍ତୁତ ନାହୁଁ । ତଥାପି, ଏହା ମନେ ରଖିବା ଗୁରୁତ୍ୱପୂର୍ଣ୍ଣ ଯେ ଅପରାଧ ସମୟରେ ବାବୁଆ ମାରାଣ୍ଡିଙ୍କୁ 15 ବର୍ଷ ବୟସ ହୋଇଥିଲା । ଏହା ଦୁଃଖଦାୟକ ଏବଂ ଏହି ନ୍ୟାୟାଳୟ ଏକାଧିକ ଥର ଏହା ଦର୍ଶାଇଛନ୍ତି ଯେ ବିହାରରେ କୌଣସି ଶିଶୁ ଅଧିନିୟମ ନାହିଁ, ଏବଂ ଏହି ଆନ୍ତର୍ଜାତୀୟ ଶିଶୁ ବର୍ଷରେ ଆମକୁ ଗୁରୁତ୍ୱ ଦେବାକୁ ପଡିବ ଯେ ଶିଶୁ ଅଧିନିୟମ ପରି ଏକ ପଦକ୍ଷେପ ପାରିତ କରିବା ଉପରେ ବିଚାର କରି ବିହାରର ପିଲାମାନଙ୍କ ପାଇଁ ବ୍ୟବସ୍ଥାପିକା ଏହାର କର୍ତ୍ତବ୍ୟ ପାଳନ କରିବ ବୋଲି ଆଶା କରାଯାଏ ଯାହା ବହୁ ପୂର୍ବରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସାରିତ ହୋଇଥିଲା ଏବଂ ଯାହା ଦେଶର ଅନ୍ୟ କେତେକ ରାଜ୍ୟରେ ବିଦ୍ୟମାନ । ଯାହା ହେଉନା କାହିଁକି, ଆଇନର ଅନୁପସ୍ଥିତି ନ୍ୟାୟିକ ଆଇନ ଦ୍ୱାରା ପୂରଣ କରାଯାଇପାରିବ ନାହିଁ ବୋଲି ସରଳ କାରଣ ପାଇଁ ଆମେ ଏକ ବାଳ ଅପରାଧୀ ଭାବରେ ବାବୁଆ ମାରାଣ୍ଡିଙ୍କ ପାଇଁ କିଛି ପ୍ରତିକାର କରିବାକୁ ଅସମର୍ଥ । ମାମଲାର ଦୁର୍ଭାଗ୍ୟପୂର୍ଣ୍ଣ ପରିସ୍ଥିତିରେ ଏବଂ ଆଇନଗତ ଶୂନ୍ୟତାର ଅସହାୟ ପରିସ୍ଥିତିରେ ଆମେ କେବଳ ଯାହା କରିପାରିବା ତାହା ହେଉଛି ଆମେ ନିର୍ଦ୍ଦେଶ ଦେବା ଯେ ବାବୁଆ ମାରାଣ୍ଡିଙ୍କୁ ଏକ ମୁକ୍ତ କାରାଗାରରେ କିମ୍ବା ଏକ ଆଦର୍ଶ କାରାଗାରରେ କିମ୍ବା ରାଜ୍ୟରେ ଉପଲବ୍ଧ ଅନ୍ୟ କୌଣସି କାରାଗାରରେ ରଖାଯିବ ଯେଉଁଠାରେ ବାଳ ଅପରାଧୀମାନଙ୍କୁ ବୟସ୍କ ଅପରାଧୀଙ୍କଠାରୁ ଅଲଗା ରଖାଯାଇଛି । ଏହି ନିର୍ଦ୍ଦେଶନା ଦେବା ପାଇଁ ଆମକୁ ପ୍ରେରଣା ଦେଉଥିବା ବିଶେଷ କାରଣ ହେଉଛି, ଯେପରି ସମସ୍ତେ ଜାଣନ୍ତି, ଜେଲ ପରିସରରେ କିଶୋରମାନଙ୍କୁ ବୟସ୍କମାନଙ୍କଠାରୁ ପୃଥକ କରାଯିବା ଉଚିତ । ଦୁରାଚରଣଗୁଡ଼ିକ ସ୍ପଷ୍ଟ ଏବଂ ସେଥିପାଇଁ ଆମେ ସେହି ଅନୁସାରେ ନିର୍ଦ୍ଦେଶ ଦେଉଛୁ ।

ଭି.ଡି.କେ. *ଆବେଦନ ଖାରଜ ହେଲା ।*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।